# ପିଲାମାନଙ୍କ ପାଇଁ ବାଇବଲ

ଉପହାର



## ଏଲିଶାୟ, ଚମତ୍କାରୀ ପୁରୁଷ

ଲେଖକ: Edward Hughes

ଦୃଷ୍ଟାନ୍ତ: Lazarus

ଉପଯୋଜକ: Ruth Klassen

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଲଙ୍ଗଳ ଟାଣିବାକୁ ସେଠାରେ ଯଥେଷ୍ଟ ବଳଦ ନ ଥିଲା କାରଣ ଆଉ
ଏକ ବଳଦର ଆବଶ୍ୟକ ଥିଲା । ତାହା
ସେହି ଯୁବ କୃଷକ ଏଲିଶାୟକୁ କୃଷି
କାର୍ଯ୍ୟରେ ଆଟକାଇ
ପାରିଲା ନାହିଁ ।



ମାତ୍ର ଏଲିଶାୟ ଆପେ ବଳଦ ସହିତ ମିଶି ହଳ ବୁଲାଉଥିଲେ, କମିଥିବା

ବଳଦର ସ୍ଥାନରେ ସେ ନିଜେ ଥିଲେ ।

ସେ ନିଶ୍ଚିତରେ ବଳିଷ୍ଠ, ଚତୁର ଓ

କଠିନ ପରିଶ୍ରମି

ଲୋକ ଥିଲେ ।





ସେ ହଳ ବୁଲାଉଥିବା ସମୟରେ,
ପ୍ରଭୁଙ୍କର ଭବିଷ୍ୟଦବକ୍ତା ଏଲୀୟ
ଏଲିଶାୟଙ୍କୁ ଆହ୍ୱାନ କଲେ । ସେହି
ଯୁବକ ତାଙ୍କ କର୍ମ ଛାଡ଼ି ସଦାପ୍ରଭୁଙ୍କ
ସେବା କରିବାକୁ ଗଲେ । ଦିନେ
ସଦାପ୍ରଭୁ ଏଲିୟଙ୍କୁ
ଘୁର୍ନିବାୟୁରେ
ସ୍ୱର୍ଗାରୋହଣ କରାଇଲେ । ବର୍ତ୍ତମାନ୍
ଏଲିଶାୟ ଇସ୍ରାୟେଲ ନିମନ୍ତେ
ପ୍ରଭୁଙ୍କର ଭବିଷ୍ୟଦବକ୍ତା ହେଲେ ।



ଯଦିବା ଏଲିୟଙ୍କ ପ୍ରସ୍ଥାନ ହେତୁ ଏଲିଶାୟ ଦୁଃଖିତ ଥିଲେ, ସେ ଏଲିୟଙ୍କ ସମ ଶକ୍ତି ପ୍ରାପ୍ତ ହେବା ନିମନ୍ତେ ସଦାପ୍ରଭୁଙ୍କୁ ପ୍ରାର୍ଥନା କଲେ । ଏଲିଶାୟ ଏଲିୟଙ୍କ ବସ୍ତ୍ର ହାତରେ ନେଲେ, ଏବଂ ଏଲିୟଙ୍କ ପରି ଜଳକୁ ଆଘାତ କଲେ ।



ସେହି ନଦୀର ଜଳ ବିଭାଜିତ
ହେଲା, ବର୍ତ୍ତମାନ ସେ ଜାଣିଲେ
ସଦାପ୍ରଭୂ ତାଙ୍କ ସହିତ ଅଟନ୍ତି ।



ଯେତେବଳେ ଏଲିଶାୟ
ବୈଥେଲ୍ ନଗରକୁ
ଯାଉଥିଲେ, କେତେକ କ୍ଷୁଦ୍ର
ଯୁବକ ତାହାଙ୍କୁ ପରିହାସ କରି
କହିଲେ, ଆରେ ଟାଙ୍ଗରାମୁଣ୍ଡ,
ଉପରକୁ ଯା । ସେମାନେ
ତାଙ୍କ ଖାତିରି କଲେ ନାହିଁ
ଯଦିବା ସେ ଜଣେ
ଭବିଷ୍ୟଦବକ୍ତା ଥିଲେ ।



ସେମାନଙ୍କ ପାଇଁ ଏକ
ଆଘାତଜନକ ବିଷୟ
ସୃଷ୍ଟି ହେଲା । ବନରୁ ଦୁଇ
ଭଲ୍ଲୁକୀ ବାହାରିଆସି
ସେମାନଙ୍କୁ ବୟାଳିଶ
ଜଣ ଯୁବକମାନଙ୍କୁ
ବିଦୀର୍ଣ୍ଣ କଲେ ।

ଦିନେ ଏଲିଶାୟ ଏକ ବିଧବାର ଦେଖା ପାଇଲେ ଯେ ମହାଜନଙ୍କଠାରୁ ଟଙ୍କା ଋଣ କରିଥିଲେ ମାତ୍ର ସେ ତାହା ଫେରାଇ ପାରିଲେ ନାହିଁ । ମହାଜନ ବିଧବାର ଦୁଇ ସନ୍ତାନଙ୍କୁ ଆପଣାର ଦାସ କରିବା ନିମନ୍ତେ ନେବାକୁ ଆସିଲେ ।





ଯାଅ, ବାହାରୁ ଆପଣାର ସମସ୍ତ
ପ୍ରତିବାସି ମାନଙ୍କଠାରୁ ଶୁନ୍ୟ
ପାତ୍ର ଆଣ, ଇଲିଶାୟ
କହିଲେ । ସଦାପ୍ରଭୁ
ସେହି ସ୍ତ୍ରୀ ଙ୍କ ନିମନ୍ତେ
କିଛି ଆଶ୍ଚର୍ଯ୍ୟଜନକ
କରିବାକୁ ଯାଉଛନ୍ତି ।

ସେହି ବିଧବାର ଘରେ ତାହା ପାଖରେ ଏକ ପାତ୍ର ତୈଳ ଛଡ଼ା ଆଉ କିଛି ନଥିଲା । କିନ୍ତୁ ସେ ସେହି ଛୋଟ ପାତ୍ରରୁ ବାହାରୁ ଆଣିଥିବା ସମସ୍ତ ପାତ୍ରରେ ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ତୈଳ ଆଜାଡ଼ିଲା । ଯଦି ସେହି ସମୟରେ ତାଙ୍କ ପାଖରେ ଗାଧୋଇବାକୁ ବ୍ୟବହୃତ ପାତ୍ର ଥାଆନ୍ତା, ସଦାପ୍ରଭୁ କି ତାହା ମଧ୍ୟ ପୂର୍ଣ୍ଣ କରିଥାନ୍ତେ? ତୁମେ କଅଣ ଭାବ? ସେହି ବିଧବା ତୈଳ ବିକ୍ରୟ କରି ନିଜ ସନ୍ତାନ ମାନଙ୍କୁ ଉଦ୍ଧାର କଲା ।



ଅନ୍ୟ ଏକ ସ୍ତ୍ରୀ ତାଙ୍କ ସ୍ୱାମିଙ୍କ ସହିତ ମିଶି ନିଜ
ଗୃହରେ ଏକ ସାନ କୋଠରି ନିର୍ମାଣ କଲେ
ଯେପରି ଇଲିଶାୟ ସେହି
ନିକଟଦେଇ ଗତାୟତ
କରିବାବେଳେ
ସେଠାରେ ରହିବେ ।



ସେହି କୋଠରିରେ ସେମାନେ
ଗୋଟିଏ ଖଟ, ଏକ ମେଜ ଓ ଆସନ ଓ ଦୀପରୁଖା ରଖିଲେ ।
ସେହ କୋଠରିଟି ସର୍ବଦା ଇଲିଶାୟ ନିମନ୍ତେ ଆରକ୍ଷିତ ଥିଲା ।

ଇଲିଶାୟ ସେମାନଙ୍କ କାର୍ଯ୍ୟ ନିମନ୍ତେ ସେମାନଙ୍କୁ କିପରି ଅର୍ଥ ଫେରସ୍ତ କରିବେ ତାହା ଭାବି ବିସ୍ମିତ ହେଲେ । ଯେତେବେଳେ ସେ ଜାଣିଲେ ସେମାନଙ୍କର ସନ୍ତାନ ନାହିଁ, ସେ ତାହାକୁ କିଛି କହିଲେ ଯାହା ବିଶ୍ୱାସ କରିବାକୁ ତାହାକୁ କଷ୍ଟ ହେଲା ।



ଏହି ଋତୁ ପୁନର୍ବାର ଉପସ୍ଥିତ ହେବା ସମୟରେ ତୁମ୍ଭେ ପୁତ୍ରକୁ କୋଳ କରିବ । ତାଙ୍କ କଥା ପ୍ରକାରେ, ଏକ ବର୍ଷ ପରେ ତାହର ଏକ ପୁତ୍ର ଜନ୍ମ ହେଲା ।

କେତେକ ବର୍ଷ ପରେ ଶସ୍ୟ ଛେଦନ ସମୟରେ ସେହି ବାଳକ ନିଜ ପିତାଙ୍କ ସହିତ ଜମିରେ ଥିଲା । ସେ ଆପଣା ପିତାଙ୍କୁ କହିଲା, ମୋ ମୁଣ୍ଡ, ମୋ ମୁଣ୍ଡ । ଯେତେବେଳେ ସେମାନେ ସେହି ବାଳକକୁ ତାଙ୍କ ମାତାଙ୍କୁ ଦେଲେ ସେ ତାଙ୍କ ମାତାଙ୍କ କୋଳରେ ମଧ୍ୟାହ୍ନ ପର୍ଯ୍ୟନ୍ତ ବସିଲେ ତାହା ପରେ ମରିଗଲା । ତାହାର ମାତା ତାର ମୃତ ଶରିରକୁ ଇଲିଶାୟଙ୍କ ଖଟରେ ଶୁଆଇଲା ।



ତୁମେ କଅଣ ଭାବ କିଏ ତାହାକୁ ସାହାଯ୍ୟ କରିପାରିବେ?

ତୁମେ କଅଣ ଇଲିଶାୟ କହିଲ କ? ହଁ ତାହା ସତ୍ୟ? ସେ ନଜର ଗର୍ଧଭ ନେଇ ତାହାର ଅନ୍ୱେଷଣ କରିବାକୁ ଗଲେ । ଇଲିଶାୟ ତାହାର ଗୃହକୁ ଆସିଲେ, ଓ ଉପର କୋଠରିକୁ ଯାଇ ସଦାପ୍ରଭୁଙ୍କ ପ୍ରାର୍ଥନା କଲେ । ସଦାପ୍ରଭୁ ସେହି ବାଳକକୁ ପୁନର୍ବାର ଜୀବୀତ କଲେ । ଇଲିଶାୟ ସେହି ସ୍ତ୍ରୀ କୁ ଡାକି କହିଲେ, ତୁମ୍ଭ



ପୁତ୍ରକୁ ନିଅ । ସେ କେତେ ଖୁସି ହୋଇଥିବେ !



ନିକଟରେ, ଅରାମିୟ ଦେଶରେ
ନାମାନ୍ ନାମକ ଲୋକ ବାସ
କରୁଥିଲେ, ସେ ଏକ ସେନାପତି
ଥିଲେ । ସେ ମହାବିକ୍ରମଶାଳୀ
ଲୋକ ଥିଲା, ମତ୍ର ସେ
କୁଷ୍ଠରୋଗୀ ଥିଲା ।

ନାମାନଙ୍କ ସ୍ତ୍ରୀଙ୍କୁ ଏକ ବାଳିକା ସେବା
କରୁଥିଲା ଯାହାକୁ ସେମାନେ ଇସ୍ରାଏଲ୍
ଦେଶରୁ ବନ୍ଦି କରି ଆଣିଥିଲେ ।
ସେହି କ୍ଷୁଦ୍ର ବାଳିକା କହିଲା, ଯଦି
କେବଳ ମୋ ପ୍ରଭୁ ଶମରିୟାରେ
ଥିବା ଭବିଷ୍ୟଦବକ୍ତାଙ୍କ ସହିତ
ଥାଆନ୍ତେ ତେବେ ତାଙ୍କୁ
ସେହି କୁଷ୍ଠ ରୋଗରୁ
ମୁକ୍ତ କରନ୍ତେ ।



ନାମାନ୍ ସେହି ଭବିଷ୍ୟଦବକ୍ତାଙ୍କୁ ଦେଖା କରିବାକୁ ପ୍ରସ୍ଥାନ କଲେ । ସେ ତାଙ୍କ ସହିତ ରୁପା, ସୁନା, ଏବଂ ସୁନ୍ଦର ବସ୍ତ୍ର ଉପହାର ସଦୃଶ୍ୟରେ ନେଲେ ।





ଇଲିଶାୟଙ୍କର ଦାସ
ବାହରକୁ ଆସି କହିଲେ,
ତୁମ୍ଭେ ଯାଇ ଯର୍ଦ୍ଦନରେ
ସାତ ଥର ସ୍ନାନ କର,
ତହିଁରେ ତୁମ୍ଭେ ଶୁଚି
ହେବ । ମାତ୍ର ନାମାନ୍
କ୍ରୁଦ୍ଧ ହୋଇ ଚଳିଗଲେ ।



ଦମ୍ମେଶକରେ କି ଉତ୍ତମ
ନଦୀ ନାହିଁ, ଆବାନା ଓ
ପର୍ପର ନଦୀରେ, ମୁଁ କି
ତହିଁରେ ସ୍ନାନ କରି ଶୁଚି
ହୋଇ ନ ପାରନ୍ତି, ଏଣୁ
ସେ ଫେରି କ୍ରୋଧରେ
ଚାଲିଗଲା ।



ନାମାନ୍ ଭାଗ୍ୟଶାଳୀ ଥିଲେ ଯେ ତାଙ୍କର ଦାସମାନେ ତାଙ୍କସହିତ କଥା ହୋଇ ଇଲିଶାୟଙ୍କ ଆଜ୍ଞା ମାନିବାକୁ କହିଲେ । ତେହୁଁ ନାମାନ୍ ପରମେଶ୍ୱରଙ୍କ ଲୋକଙ୍କ ବାକ୍ୟାନୁସାରେ ଯାଇ ଯର୍ଦ୍ଦନରେ ଆପଣାକୁ ସାତଥର ବୁଡ଼ାଇଲା ।



ନାମାନ୍ ସେହି
କୁଷ୍ଠରୋଗରୁ ଶୁଚି
ହେଲା । ଏବଂ ସେ ସତ୍ୟ
ପରମେଶ୍ୱରଙ୍କୁ ଉପାସନା
କଲେ, ଇଲିଶାୟଙ୍କ
ପରମେଶ୍ୱର, ସଦାପ୍ରଭୁ
ଯେ ତାହାଙ୍କୁ କୁଷ୍ଠରୋଗରୁ
ସୁସ୍ଥ କଲେ ।



ସଦାପ୍ରଭୁ ତାଙ୍କ ଦାସ ଇଲିଶାୟଙ୍କୁ ତାଙ୍କ ମୃତୁପରେ ମଧ୍ୟ ତାଙ୍କୁ ବ୍ୟବହାର କଲେ । ଦିନକରେ, ଜଣେ ଲୋକ ଏକ ଗୁହାରେ କବର କରାଯାଇଥିଲେ ଯେଉଁଠାରେ କି ଅନେକ ଆଗରେ ଇଲିଶାୟଙ୍କ ଶରୀରକୁ ମଧ୍ୟ କବର ଦିଆଯାଇଥିଲା ।



ଯେତେବେଳେ

ସେହିଲୋକର ମୃତ ଶରୀର

ଇଲିଶାୟଙ୍କ ହାଡ଼ ଷ୍ପର୍ଶ

କଲା, ସେହି ଲୋକ ପୁଣି

ବଞ୍ଚିଲା ଓ ଛିଡ଼ାହେଲା ।

ସତ୍ୟରେ ସଦାପ୍ରଭୁ ତାଙ୍କର

ବିଶ୍ୱସ୍ଥ ଦାସ ଇଲିଶାୟଙ୍କ

ଦ୍ୱାରା ନିଜର ମହାଶକ୍ତି

ପ୍ରଦର୍ଶନ କଲେ ।

ଏଲିଶାୟ, ଚମତ୍କାରୀ ପୁରୁଷ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଦ୍ୱିତୀୟ ରାଜାବଳି ୨-୧୩

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀଯ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚଯ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬